# କରୋନା ମହାମାରୀ ମୁକାବିଲା ସମୟରେ ମତ୍ସ୍ୟ ସମ୍ପଦ ବିକାଶ ପାଇଁ
# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ମତ୍ସ୍ୟଧରା ନିଷେଧ ସମୟରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ଜୀବୀକା ସହାୟତା ପ୍ରଦାନ





ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ । ରାଜ୍ୟରେ ୪୮୦ କି.ମି. ଦୀର୍ଘ ସମୁଦ୍ର ଉପକୂଳ ରହିଛି । ସମୁଦ୍ର କୂଳରେ ବାସ କରୁଥିବା ୧.୧୪ ଲକ୍ଷ ମତ୍ସ୍ୟଜୀବୀ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରନ୍ତି । ବୈଦେଶିକ ମୁଦ୍ରା ଆହରଣରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ରାଜ୍ୟ ସରକାର ସତତଃ ଚେଷ୍ଟିତ । ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଏନ୍ତୁଡ଼ିଶାଳ ଭାବେ ଓଡ଼ିଶା ବେଳାଭୂମୀ ପରିଚିତ । ପ୍ରତିବର୍ଷ ହଜାର ହଜାର ମାଇଲ୍ ଦୂରରୁ ଏହି ବିରଳ ପ୍ରଜାତିର କଇଁଛ ଅଣ୍ଡା ପ୍ରଦାନ କରିବା ପାଇଁ ଓଡ଼ିଶା ବେଳାଭୂମୀକୁ ଛୁଟି ଆସନ୍ତି । ସେମାନଙ୍କ ନିରାପଦ ମିଳନ ଓ ଅଣ୍ଡା ଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୧ ତାରିଖ ରୁ ମେ ମାସ ୩୧ ତାରିଖ ପର୍ଯ୍ୟନ୍ତ ସରକାର ସମୁଦ୍ରରୁ ମାଛଧରା ଉପରେ କଟକଣା ଲାଗୁ କରିଥାନ୍ତି । ଏହା ଦ୍ୱାରା ସମୁଦ୍ରରୁ ମାଛଧରା ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀ ବିଶେଷ କ୍ଷତିଗ୍ରସ୍ତ ହୁଅନ୍ତି । ଏହି କଟକଣା ଯୋଗୁଁ କ୍ଷତିଗ୍ରସ୍ତ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ବିଭାଗ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି । ଚଳିତ ୨୦୨୦-୨୧ ବର୍ଷରେ ରାଜ୍ୟର ୧୦,୬୦୦ ମତ୍ସ୍ୟଜୀବୀ ପରିବାରଙ୍କୁ ଟ୭୫୦୦/- ଲେଖାଏଁ ସହାୟତା ପ୍ରଦାନ କରିବାର ଯୋଜନା ଅଛି । ଏହି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲାର ଗହିରମଥା ଓ ଭିତରକନିକା ଅଭୟାରଣ୍ୟ, ପୁରୀ ଓ ଜଗତ୍‌ସିଂହପୁର ଜିଲ୍ଲାର ଦେବୀ ନଦୀ ମୁହାଣ ଓ ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଣ ଅଞ୍ଚଳର ୨୦ କି.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଅଞ୍ଚଳକୁ ମାଛ ଧରା ପାଇଁ ନିଷିଦ୍ଧ କରାଯାଇ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀ ପରିବାରଙ୍କୁ ସହାୟତା ରାଶି ପ୍ରଦାନର ବ୍ୟବସ୍ଥା କରାଯାଇଛି ।



**ହିତାଧିକାରୀ ଚୟନ ପ୍ରକ୍ରିୟା:**

- ହିତାଧିକାରୀ ପୂର୍ଣ୍ଣକାଳୀନ ସାମୁଦ୍ରିକ ମତ୍ସ୍ୟଜୀବୀ ହୋଇଥିବା ଆବଶ୍ୟକ ।
- ମତ୍ସ୍ୟଜୀବୀଙ୍କ ବୟସ ୧୮ ରୁ ୭୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
- ହିତାଧିକାରୀ ଇଞ୍ଜିନ୍ ଚାଳିତ ପଞ୍ଜିକୃତ ଡଙ୍ଗାର ମାଲିକ ହୋଇଥିବେ ଅଥବା ଇଞ୍ଜିନ୍‌ଚାଳିତ ଡଙ୍ଗାରେ ସହାୟକ ଭାବେ କାର୍ଯ୍ୟ କରୁଥିବେ ।
- ପୂର୍ଣ୍ଣକାଳୀନ ସାମୁଦ୍ରିକ ମତ୍ସ୍ୟଜୀବୀ ହୋଇଥିବେ ।
- ପରିବାରର ଜଣେ କେବଳ ସଦସ୍ୟ ଏହି ଯୋଜନାରେ ସାମିଲ ହୋଇପାରିବେ ।

**"ମାଛଧରା ନିଷେଧକୁ ଚିନ୍ତା ନ କର, ସହାୟତା ଦିଅନ୍ତି ଆମ ସରକାର"**

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ
କିମ୍ବା ନିକଟସ୍ଥ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**